# ବିପର୍ଯ୍ୟୟ ପ୍ରବନ୍ଧନ ଓ ସାମାଜିକ ନ୍ୟାୟକୁ ସୁନିଶ୍ଚିତ କରିବାକୁ ହେଲେ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକର ସଶକ୍ତୀକରଣ ଜରୁରୀ

ଏହା ଏକ ଜଣାଶୁଣା କଥା ଯେ, ୧୯୯୨ ମସିହାର ୭୩ ତମ ସଂଶୋଧନ ପରେ ଆମ ସଂବିଧାନରେ ନବମଭାଗ ଅଧିନରେ କେତେକ ବ୍ୟବସ୍ଥା ନୂଆକରି ଯୋଡ଼ାଗଲା । ସେହି ଭାଗ ଅଧିନରେ ଥିବା ଧାରା ୨୪୩ ଜି ଅନୁଯାୟୀ, ପଞ୍ଚାୟତଗୁଡ଼ିକ ସ୍ୱୟଂଶାସିତ ସଂସ୍ଥା ରୂପେ କାର୍ଯ୍ୟକ୍ଷମ ହେବା ସକାଶେ ସେମାନଙ୍କର ଯେଉଁସବୁ କ୍ଷମତା ଓ କର୍ତ୍ତୃତ୍ୱ ରହିବା କଥା, ସେଗୁଡ଼ିକୁ ପ୍ରତି ରାଜ୍ୟର ଆଇନସଭା ଆଇନ-ପ୍ରଣୟନ ମାଧ୍ୟମରେ ସୁନିଶ୍ଚିତ କରିବେ, ଯାହାଫଳରେ କି ଏହି ପଞ୍ଚାୟତଗୁଡ଼ିକୁ କ୍ଷମତା ଓ ଦାୟିତ୍ୱ ସମୂହର ଉପଯୁକ୍ତ ହସ୍ତାନ୍ତର ହୋଇପାରିବ । ସେମାନେ ତଦ୍ୱାରା ନିଜ ନିଜ ଅଞ୍ଚଳରେ 'ଆର୍ଥିକ ଉନ୍ନୟନ ଓ ସାମାଜିକ ନ୍ୟାୟ' ପାଇଁ ଯୋଜନା ପ୍ରସ୍ତୁତି କରିବାକୁ ତଥା ସେହି ଯୋଜନାଗୁଡ଼ିକ ଅଧୀନରେ ପ୍ରସ୍ତୁତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟାନ୍ୱୟନ କରିବା ଭଳି ଦ୍ୱିବିଧ ଉଦ୍ଦେଶ୍ୟକୁ ହାସଲ କରିବାରେ ସକ୍ଷମ ହୋଇପାରିବେ । ଉପରୋକ୍ତ ବ୍ୟବସ୍ଥା ସହିତ ଏକ ନୂଆ ସାରଣୀ, ଯାହାକି ବର୍ତ୍ତମାନ 'ଏକାଦଶ ସାରଣୀ' ନାମରେ ପରିଚିତ, ସମ୍ବିଧାନରେ ଯୋଡ଼ାଗଲା ଏବଂ ଏହି ସାରଣୀରେ ଗ୍ରାମବାସୀମାନଙ୍କ ଜୀବନ ଓ ଜୀବିକା ସହ ଗଭୀରଭାବେ ଜଡ଼ିତ ୨୯ଟି ପ୍ରମୁଖ ବିଷୟକୁ ସ୍ଥାନିତ କରାଯାଇଛି, ଯେଉଁଗୁଡ଼ିକର ପ୍ରଶାସନରେ ପଞ୍ଚାୟତ ମୁଖ୍ୟ ଭୂମିକା ଗ୍ରହଣ କରିବା କଥା । ଏହି ଐତିହାସିକ ସାମ୍ବିଧାନିକ ସଂସ୍କାର ଦେଶର ଶାସନ ବ୍ୟବସ୍ଥାରେ ଆମୂଳଚୂଳ ଓ ସୁଦୂରପ୍ରସାରୀ ପରିବର୍ତ୍ତନ ଆଣିପାରିବ ବୋଲି ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ଆଶା ସୃଷ୍ଟି କରିଥିଲା । ବିଶେଷଭାବରେ ଗାଁଗହଳିର ଲୋକେ ଭାବିନେଲେ ଯେ, ତଳସ୍ତରରେ ପଞ୍ଚାୟତ ହିଁ ସମୟକ୍ରମେ ସବୁଠୁଁ ଶକ୍ତିଶାଳୀ ଅଥଚ ଉତ୍ତରଦାୟୀ ସଂସ୍ଥାରୂପେ ଗଢ଼ିଉଠିବ ଏବଂ ଦେଶର କୋଟି କୋଟି ଲୋକଙ୍କ ନିତଦିନିଆ ଜୀବନର ବହୁବିଧ ଦିଗ ଉପରେ ବଳିଷ୍ଠ ପ୍ରଭାବ ପକାଇପାରିବ ।

ଅନ୍ୟପକ୍ଷରେ, ବିସ୍ମୟକର ହେଲେ ବି ଏହା ଏକ ନିରାଟ ସତ୍ୟ ଯେ, ୧୯୯୨ ରେ ୭୩ ତମ ସମ୍ବିଧାନ ସଂଶୋଧନ ଗୃହୀତ ହେବାର ବହୁପୂର୍ବରୁ ଗ୍ରାମ ପଞ୍ଚାୟତକୁ ବେଶ୍ ଅଧିକ କ୍ଷମତା ଓ କର୍ତ୍ତୃତ୍ୱ ପ୍ରଦାନ କରିଥିବା ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ୍, ୧୯୬୫ ଆମ ରାଜ୍ୟରେ ଲାଗୁ ହୋଇଥିଲା । ଏହି ଆଇନ୍ ଏବେ ବି ବଳବତ୍ତର ଅଛି, ଯଦିଓ ଏହି ସୁଦୀର୍ଘ ସମୟ ଭିତରେ ୧୯୯୪ର ସଂଶୋଧନ (ଯାହାକି ୭୩ ତମ ସମ୍ବିଧାନ ସଂଶୋଧନର ଅନୁପାଳନ କ୍ରମେ ଗୃହୀତ

ହୋଇଥିଲା) ସମେତ ଆଉ କେତେକ କାଁ ଭାଁ ସଂଶୋଧନ ଏଥିରେ ଅଣାଯାଇଛି । ଏକ 'ସଶକ୍ତୀକୃତ ପଞ୍ଚାୟତ'ର ପରିକଳ୍ପନା ଦୃଷ୍ଟିରୁ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ୧୯୬୫ରେ କେତେକ ଦୁର୍ବଳତା ଅଛି ସତ, କିନ୍ତୁ ମୋଟ ଉପରେ ଦେଖିବାକୁ ଗଲେ ଏହା ଏକ ଉତ୍କୃଷ୍ଟ ଆଇନ୍, ଯାହାକି ସମ୍ବିଧାନର ଧାରା ୪୦ (ନୀତି ନିର୍ଦ୍ଦେଶିକା)ରେ ପଞ୍ଚାୟତକୁ ଏକ ସ୍ୱୟଂଶାସିତ ସଂସ୍ଥାରୂପେ ଗଢ଼ିତୋଳିବାର ପରିକଳ୍ପନା ସହିତ ମୋଟାମୋଟି ସଂଗତିସମ୍ପନ୍ନ ହେଉଛି । ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ୍ ୧୯୬୫ କୁ ଯଥାସ୍ଥାନରେ ସଂଶୋଧନ କରିବା ଜରିଆରେ ଯଦି ଏହାର ସନ୍ଦେହାଚ୍ଛନ୍ନ, ଅସଂଗତ ଓ ସ୍ୱବିରୋଧୀ ଅଂଶଗୁଡ଼ିକୁ ବାଦ୍ ଦିଆଯାଇପାରେ, ତେବେ ଆମ ଶାସନବ୍ୟବସ୍ଥାର ସର୍ବନିମ୍ନ ସ୍ତର, ଅର୍ଥାତ୍ ଗ୍ରାମ ପଞ୍ଚାୟତର ସୁପରିଚାଳନା ପାଇଁ ଏହି ଆଇନ୍ ଏକ ସବଳ ଓ ସକ୍ରିୟ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିବ, ଏଥିରେ ସନ୍ଦେହ ନାହିଁ । ଏହା ପୁଣି ଦୋହରାଇବା ନିଷ୍ପ୍ରୟୋଜନ ଯେ, ନିଜର ପାଣ୍ଠି, କାର୍ଯ୍ୟକ୍ରମ ଓ କାର୍ଯ୍ୟକର୍ତ୍ତା କ୍ଷେତ୍ରରେ ଗ୍ରାମପଞ୍ଚାୟତକୁ ଯଦି ପ୍ରକୃତ ଅର୍ଥରେ ସଶକ୍ତୀକରଣ କରାଯାଇପାରେ, ତେବେ ତାହା ବିପର୍ଯ୍ୟୟ ପ୍ରବନ୍ଧନ ହେଉ, ଲିଙ୍ଗନ୍ୟାୟ ହେଉ ବା ଭୂମିହୀନମାନଙ୍କୁ ଭୂମିପ୍ରଦାନ ହେଉ, ଏସବୁ ସହିତ ସମସ୍ତ ବ୍ୟାପାରଗୁଡ଼ିକୁ ଫଳପ୍ରଦ ଓ ଗଣତାନ୍ତ୍ରିକ ଭାବେ ପରିଚାଳନ କରିବା ପାଇଁ ସମର୍ଥ ହୋଇ ପାରିବ ।

ଏହାଛଡ଼ା ସମ୍ବିଧାନରେ ବର୍ଣ୍ଣିତ ୫ମ ଅନୁସୂଚୀ ଅଞ୍ଚଳରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସଶକ୍ତୀକରଣ ଉଦ୍ଦେଶ୍ୟରେ ପେସା ଆଇନ୍ ଚାଲୁ ହେବାର ପ୍ରାୟ ୧୦ ବର୍ଷ ବିତିଗଲାଣି । ଓଡ଼ିଶା ସରକାର ମଧ୍ୟ ପେସା ଆଇନ୍‌କୁ ଗ୍ରହଣ କରି ରାଜ୍ୟରେ ଏକ ସ୍ୱତନ୍ତ୍ର ଆଇନ୍ ୧୯୯୭ରେ ପ୍ରଣୟନ କରିଛନ୍ତି । ମୋଟ ଉପରେ କହିଲେ ଆଦିବାସୀ ଓ ଆଦିମ ଜନଜାତି ଅଧ୍ୟୁଷିତ ଏହିସବୁ ଅଞ୍ଚଳରେ ସ୍ଥାନୀୟ ଲୋକମାନଙ୍କୁ ସାମାଜିକ ଓ ସାସ୍କୃତିକ ସ୍ୱାତନ୍ତ୍ର୍ୟ ବଜାର ରଖିବା ସହିତ ସେମାନେ ଯେପରି ନିଜ ଉନ୍ନୟନ ପ୍ରକ୍ରିୟାର ନିଜେ ନିୟାମକ ହୋଇ କାର୍ଯ୍ୟ କରିବେ, ସେଦିଗରେ ସେମାନଙ୍କୁ ସମର୍ଥ କରିବା ପାଇଁ ଏହି ପେସା ଆଇନ୍ ଗୃହୀତ ହୋଇଛି । କିନ୍ତୁ ବର୍ତ୍ତମାନ ପରିସ୍ଥିତିର ଅନୁଧ୍ୟାନରୁ ଜଣାପଡ଼େ ଯେ, ଏହି ଗୁରୁତ୍ୱପୂର୍ଣ୍ଣ ଆଇନ୍‌ର ପ୍ରଭାବ ଅନୁସୂଚିତ ଅଞ୍ଚଳରେ ଅତୀବ ନଗଣ୍ୟ ।

ବାସ୍ତବ କ୍ଷେତ୍ରରେ ଆମେ ଏକ ଓଲଟା ଚିତ୍ର ଦେଖିବାକୁ ପାଉଛୁ । ସମ୍ବିଧାନର ନୀତିନିର୍ଦ୍ଦେଶିକାରେ ବା ୭୩ ତମ ସମ୍ବିଧାନ ସଂଶୋଧନରେ ପଞ୍ଚାୟତକୁ ସ୍ୱୟଂଶାସନର ଅଧିକାର ପ୍ରଦାନ କରିବା ମାଧ୍ୟମରେ ସଶକ୍ତୀକରଣ କରିବାର ଯେଉଁ ପ୍ରତିଶୃତି ନିହିତ ଥିଲା, ତାକୁ ବାସ୍ତବାୟନ କରିବା ଦିଗରେ ଆଗଭର ହେବା ପରିବର୍ତ୍ତେ ଓଡ଼ିଶା ସରକାର ଗ୍ରାମ ପଞ୍ଚାୟତ

ଆଇନ୍ ୧୯୬୫ରେ ଥିବା ବହୁ ବିଧିବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାରେ ଲଗାତାର ନିଜର ଘୋର ଅନିଚ୍ଛା ଦେଖାଇ ଆସୁଛନ୍ତି । କିନ୍ତୁ ବସ୍ତୁତଃ ଏହି ସବୁ ବିଧିବ୍ୟବସ୍ଥା ଯଦି କାର୍ଯ୍ୟକାରୀ ହୋଇପାରନ୍ତା, ତେବେ ତଦ୍ୱାରା ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକର ସାମଗ୍ରୀକ ସ୍ଥିତି ଆହୁରି ସୁଦୃଢ଼ ହେବା ସହିତ ଏହି ସଂସ୍ଥା ମାନେ ନିଜ ନିଜ କ୍ଷେତ୍ରରେ ଲୋକମାନଙ୍କ ପ୍ରତି ଥିବା ଦାୟିତ୍ୱଗୁଡ଼ିକୁ ଅଧିକ ଫଳପ୍ରଦ ଓ ନ୍ୟାୟୋଚିତ ଢଙ୍ଗରେ ସମ୍ପାଦନ କରିବରେ ସକ୍ଷମ ହୋଇପାରନ୍ତେ । ଏହାଛଡ଼ା, ଆମ ଶାସନ ବ୍ୟବସ୍ଥାର ସର୍ବନିମ୍ନ  ସ୍ତରରେ  ସକ୍ରିୟ ଥିବା ପଞ୍ଚାୟତ ଗୁଡ଼ିକ କିପରି ପ୍ରକୃତ ପକ୍ଷେ ଜନସାଧାରଣଙ୍କର ନିଜସ୍ୱ ଓ ସର୍ବତୋମୁଖୀ ସଂସ୍ଥାରୂପେ ଗଢ଼ିଉଠିବେ ତଥା ବିପର୍ଯ୍ୟୟ ପ୍ରବନ୍ଧନ, ଲିଙ୍ଗ ସମାନତା ଓ ନିସ୍ୱ ଭୂମିହୀନକୁ ଜମି ଆବଣ୍ଟନ ଭଳି ନୂଆ ନୂଆ କ୍ଷେତ୍ରମାନଙ୍କରେ ପ୍ରଭାବଶାଳୀ ଭୂମିକା ନେଇପାରିବେ, ସେଥିଲାଗି ଆଜି ଲୋଡ଼ା ହେଉଛି ଆବଶ୍ୟକୀୟ ବୈଧାନିକ ସଂସ୍କାର ଓ ଆନୁଷଙ୍ଗିକ ପ୍ରଶାସନିକ ପୁନର୍ବିନ୍ୟାସ ।

ବର୍ତ୍ତମାନ ଓଡ଼ିଶାରେ ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକ ଯେପରି ଦୟନୀୟ ପରିସ୍ଥିତିରେ ପଡ଼ିଛନ୍ତି ସେଥିରୁ ମନେହୁଏ ଉପରୋକ୍ତ ସାମ୍ବିଧାନିକ ବିଧିନିର୍ଦ୍ଦେଶ ଯେପରି ଓଡ଼ିଶା ପାଇଁ ତାତ୍ପର୍ଯ୍ୟହୀନ । ଗୋଟିଏ ପଟରେ ପଞ୍ଚାୟତ ପ୍ରତିନିଧିମାନେ ପୂର୍ବଭଳି ଅମଲାଗୋଷ୍ଠିଙ୍କ ବୋଲକରା ଭାବେ ବ୍ୟବହାର କରୁଛନ୍ତି ଏବଂ ଅନ୍ୟ ପଟରେ ସେମାନେ ପରସ୍ପର ଭିତରେ ନିଜର ଛୋଟଛୋଟ ସ୍ୱାର୍ଥକୁ ନେଇ ବାଡ଼ିଆପିଟା ଲାଗୁଛନ୍ତି ଏବଂ ସାଧାରଣ ଲୋକେ ଏସବୁ ଦେଖି ବିରକ୍ତ ହୋଇ ସେମାନଙ୍କ ଠାରୁ ଆପେ ଆପେ ଦୂରେଇ ରହୁଛନ୍ତି । ପଞ୍ଚାୟତିରାଜ ସଂସ୍ଥାଗୁଡ଼ିକ ଠିକ୍ ରୂପେ କାର୍ଯ୍ୟ କରୁନଥିବାରୁ କେନ୍ଦ୍ର ସରକାର ଓ ବିଭିନ୍ନ ଆନ୍ତର୍ଜାତିକ ସଂସ୍ଥାଗୁଡ଼ିକରୁ ଗାଁର ଉନ୍ନତି ନାଁରେ ବହୁବିଧ କାର୍ଯ୍ୟକ୍ରମ ପାଇଁ ଆସୁଥିବା ବିଶାଳ ଅର୍ଥରାଶି ଠିକଣା ଲୋକଙ୍କ ପାଖରେ ପହଞ୍ଚିବା ପୂର୍ବରୁ ବହୁଳାଂଶରେ ବାଟମାରଣା ହୋଇଯାଉଛି, ଯହିଁର ସିଂହଭାଗ ସମ୍ପୃକ୍ତ ଅମଲା ଗୋଷ୍ଠିଙ୍କ ଦ୍ୱାରା ଆତ୍ମସାତ ହୋଇଯାଉଛି ଏବଂ ବାକି କ୍ଷୁଦ୍ରାଂଶକୁ ଆସାଧୁ ପଞ୍ଚାୟତ ପ୍ରତିନିଧିମାନେ ନିଜ ପାଇଁ ହଡ଼ପ କରି ନେଉଛନ୍ତି । ପଞ୍ଚାୟତର କାର୍ଯ୍ୟଶୈଳୀ ନେଇ ଯାହାକିଛି ସମ୍ପୃକ୍ତ ଆଇନ୍ ଗୁଡ଼ିକରେ ଲେଖା ହୋଇ ଥାଉ ନା କାହିଁକି ଏବଂ ସେଥିରେ ଯାହାକିଛି ଦୋଷତ୍ରୁଟି ଥାଉ ନା କାହିଁକି, ସେ ସବୁର ପ୍ରତିଫଳନ କେବଳ କାଗଜ କଲମରେ ଘଟୁଛି, ବାସ୍ତବରେ ନୁହେଁ । ପୁଣି ଏହି କାଗଜକଲମ କାମରେ ମଧ ବହୁତ ହେରାଫେରି ଘଟାଯାଉଛି । ପଞ୍ଚାୟତିରାଜ ବ୍ୟବସ୍ଥା ଆଜି ଯେଉଁ ଘୋର ଦୁର୍ଗତିର ଶୀକାର ହୋଇପଡ଼ିଛି ତହିଁର ପ୍ରତିକାର କରିବାକୁ ହେଲେ ସରକାରୀ ସଂସ୍ଥା ଭିତରେ

ଓ ବାହାରେ ଥିବା ସମସ୍ତ ଚେତନାଶୀଳ ନାଗରିକଙ୍କ ପକ୍ଷେ ଏକ ଆମୂଳଚୂଳ ସମୀକ୍ଷା କରିବାର ବେଳ ଆସି ପହଞ୍ଚିଛି- ଦେଶର ତୃଣମୂଳ ଗଣତନ୍ତ୍ରକୁ କିପରି ଠିକଣା ମାର୍ଗକୁ ଅଣାଯାଇ ପାରିବ ଏବଂ ତା'ର ଉତ୍ତରୋତ୍ତର ସଶକ୍ତୀକରଣ କରାଯାଇ ପାରିବ ।

କହିବା ନିଷ୍ପ୍ରୟୋଜନ ଯେ, ଗୋଟିଏ ଗାଁକୁ ବିପର୍ଯ୍ୟୟ ଆସିଲେ, ସେଠିକାର ଲୋକେହିଁ ପ୍ରଥମେ ଓ ସବୁଠୁଁ ବେଶୀ ଏହାର ଉପଦ୍ରବର ଶୀକାର ହୋଇଥାନ୍ତି । ପୁଣି ଏକଥା ମଧ୍ୟ ସତ୍ୟ ଯେ, ବିପର୍ଯ୍ୟୟକୁ ପ୍ରଥମେ ସାମନା କରୁଥିବା ଲୋକମାନଙ୍କର ପ୍ରତିନିଧି-ସଂସ୍ଥା ପଞ୍ଚାୟତିରାଜ ଅନୁଷ୍ଠାନସମୂହ, ଯେଉଁ ଗୁଡ଼ିକକି ଶାସନବ୍ୟବସ୍ଥାର ତୃଣମୂଳ ଗଣତନ୍ତ୍ରର ପ୍ରତୀକ, ସେମାନଙ୍କୁ ଯଦି ଶାସନର ଉପର ଦୁଇସ୍ତର, ଯଥା କେନ୍ଦ୍ର ଓ ରାଜ୍ୟସରକାର ତୁଳନାରେ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ପର୍ଯ୍ୟାପ୍ତ କର୍ତ୍ତୃତ୍ୱ, ସ୍ୱାତନ୍ତ୍ର୍ୟ ଓ ସମ୍ବଳ ପ୍ରଦାନ କରାଯାନ୍ତା, ତେବେ ସେମାନେ ଗୋଟିଏ ବିପର୍ଯ୍ୟୟର ଆଶୁ ମୁକାବିଲାଠାରୁ ଆରମ୍ଭକରି ଥଇଥାନ ବ୍ୟବସ୍ଥା ଚୂଡ଼ାନ୍ତ ହେବା ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରଗୁଡ଼ିକୁ ଫଳପ୍ରଦ ଓ ସମୟୋଚିତ ଢଙ୍ଗରେ ପ୍ରବନ୍ଧନ କରିବାରେ ସକ୍ଷମ ହୋଇପାରିବେ । ପୁଣି ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲାପରିଷଦ ମଧ୍ୟରୁ ଗ୍ରାମ ପଞ୍ଚାୟତର ସଶକ୍ତୀକରଣ ପ୍ରଥମେ ଜରୁରୀ, କାରଣ ଏହା କେବଳ ଯେ ଦେଶର ଶାସନ ବ୍ୟବସ୍ଥାର ସବାତଳ ସ୍ତର, ତାହା ନୁହେଁ, ବରଂ ଏହା ହେଉଛି ଗ୍ରାମବାସୀମାନଙ୍କ ଦ୍ୱାରା ପ୍ରତ୍ୟକ୍ଷଭାବେ ନିର୍ବାଚିତ ହେଉଥିବା ପ୍ରତିନିଧିମାନଙ୍କୁ ନେଇ ଗଠିତ ଏକ ସର୍ବତୋମୁଖୀ ସଂସ୍ଥା । ଏହି ଦୃଷ୍ଟିଭଙ୍ଗୀ ଦ୍ୱାରା ପରିଚାଳିତ ହୋଇ ୧୯୯୨ର ୭୩ ତମ ସମ୍ବିଧାନ ସଂଶୋଧନରେ ଉଲ୍ଲେଖ କରାଯାଇଛି ଯେ, ପଞ୍ଚାୟତଗୁଡ଼ିକ ସ୍ୱୟଂଶାସିତ ସଂସ୍ଥାରୂପେ କାର୍ଯ୍ୟକ୍ଷମ ହେବା ସକାଶେ ସେମାନଙ୍କୁ ଉପଯୁକ୍ତ କ୍ଷମତା ଓ କର୍ତ୍ତୃତ୍ୱ ପ୍ରଦାନ କରାଯିବ ଏବଂ ଏହି ଉଦ୍ଦେଶ୍ୟରେ ପ୍ରସ୍ତାବିତ ଆଇନ୍‌ରେ ଆବଶ୍ୟକମତେ ବିଭିନ୍ନ ସ୍ତରର ପଞ୍ଚାୟତକୁ କ୍ଷମତା ଓ ଦାୟିତ୍ୱ ହସ୍ତାନ୍ତର କରାଯିବାର ବ୍ୟବସ୍ଥା ରହିବ, ଯାହା ଫଳରେ ପଞ୍ଚାୟତ ଗୁଡ଼ିଜ ନିଜ ନିଜ ସ୍ତରରେ ଆର୍ଥିକ ଉନ୍ନୟନ ଓ ସାମାଜିକ ନ୍ୟାୟ ପାଇଁ ଯୋଜନା ପ୍ରସ୍ତୁତ କରିପାରିବେ ତଥା ଏହି ଯୋଜନାଗୁଡ଼ିକ ଅଧିନରେ ଅନ୍ତର୍ଭୁକ୍ତ ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକୁ ବାସ୍ତବ ରୂପ ଦେଇପାରିବେ । ଏହି ସମ୍ବିଧାନ ସଂଶୋଧନର ଫଳଶୃତି ରୂପେ ସମ୍ବିଧାନରେ 'ଏକାଦଶ ସାରଣୀ' ନାମରେ ଏକ ନୂଆ ଅଂଶ ଯୋଗ କରାଗଲା ଏବଂ ଏହି ସାରଣୀରେ ସୂଚିତ ହୋଇଥିବା ୨୯ ଟି ବିଷୟ ଉପରେ ପଞ୍ଚାୟତର ଚୂଡ଼ାନ୍ତ ନିୟନ୍ତ୍ରଣ ରହିବ ବୋଲି ଠିକ୍ କରାଗଲା ।

ଭାରତର ଭୌଗଳିକ ମାନଚିତ୍ରରେ ବହୁ କାଳରୁ ଏକ ବିପର୍ଯ୍ୟୟ ସଙ୍କୁଳ ରାଜ୍ୟରୂପେ ପରିଚିତ ହୋଇଆସିଥିବା ଓଡ଼ିଶା ପାଇଁ ୭୩ତମ ସମ୍ବିଧାନ ସଂଶୋଧନର ଏକ ସ୍ୱତନ୍ତ୍ର ମହତ୍ୱ ଥିଲା । ନିକଟ ଅତୀତରେ ଓଡ଼ିଶାରେ ମହାବାତ୍ୟା, ସମୁଦ୍ର ଜୁଆର, ବନ୍ୟା, ମରୁଡ଼ି ଓ ଅଂଶୁଘାତ ଭଳି ବହୁ ସାଂଘାତିକ ପ୍ରାକୃତିକ ବିପର୍ଯ୍ୟୟ ଗୋଟାକ ପରେ ଗୋଟାଏ ଦେଖାଦେଇଛି ଓ ସେଗୁଡ଼ିକର ମୁକାବିଲା କରିବା ଉଭୟ ସରକାର ଓ ଜନସାଧାରଣଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ହୋଇଛି । ସାରା ପୃଥିବୀର ବିଭିନ୍ନ ଦେଶର ଅଭିଜ୍ଞତାରୁ ଏହି ଶିକ୍ଷା ମିଳିଛି ଯେ, ଗୋଟିଏ ବିପର୍ଯ୍ୟୟ ଯେଉଁ ଜନଗୋଷ୍ଠୀଙ୍କୁ ପ୍ରଥମେ ଆକ୍ରାନ୍ତ କରିଥାଏ, ସେହି ଜନଗୋଷ୍ଠୀଙ୍କୁ ଜଡ଼ିତ କରି ଯଦି ବିପର୍ଯ୍ୟୟ ପ୍ରବନ୍ଧନର ମୂଳ କାର୍ଯ୍ୟକ୍ରମ ନିଆଯାଏ, ତାହା ଅଧିକ ଫଳପ୍ରଦ ହେବ । ବାସ୍ତବରେ ଦେଖିବାକୁ ଗଲେ ସମ୍ବିଧାନର ଏକାଦଶ ସାରଣୀରେ ସ୍ଥାନିତ ହୋଇଥିବା ୨୯ଟି ବିଷୟ ମଧ୍ୟରୁ ଅଧିକାଂଶ ବିଷୟ ସିଧାସଳଖ ବିପର୍ଯ୍ୟୟ ପ୍ରବନ୍ଧନର ଉଦ୍ଦେଶ୍ୟ ଓ କୌଶଳ ସହିତ ଓତପ୍ରୋତ ଭାବେ ଜଡ଼ିତ, ଯଥା - କୃଷି ଓ ପଶୁସମ୍ପଦ, ଜମି ଓ ଜଳ ପରିଚାଳନା, ସ୍ୱାସ୍ଥ୍ୟ ଓ ଶିକ୍ଷା, ମହିଳା ଓ ଶିଶୁବିକାଶ, ରାସ୍ତା ଓ ପୋଲ ଏବଂ ସର୍ବୋପରି ସମୂହ ଗୋଷ୍ଠୀ ସମ୍ପଦ ।

ପଞ୍ଚାୟତକୁ ପାଣ୍ଠି, କାର୍ଯ୍ୟକ୍ରମ ଓ କାର୍ଯ୍ୟକର୍ତ୍ତା ନିୟନ୍ତ୍ରଣ କ୍ଷେତ୍ରରେ ଉପଯୁକ୍ତ କ୍ଷମତା ଓ କର୍ତ୍ତୃତ୍ୱ ନ୍ୟସ୍ତ କରିବାପାଇଁ ଉଦ୍ଦିଷ୍ଟ ସଂବିଧାନ ସଂଶୋଧନ ଲାଗୁହେବାର ଦୀର୍ଘ ୧୪ ବର୍ଷ ବିତିଗଲାଣି ଏବଂ ଇତି ମଧ୍ୟରେ କେନ୍ଦ୍ର ଓ ରାଜ୍ୟସ୍ତରରେ ବହୁବିଧ ଆଇନ୍ ଓ ପ୍ରଶାସନିକ ପଦକ୍ଷେପ ନିଆହୋଇସାରିଛି, ଯାହା ମଧ୍ୟରେ ଜାତୀୟ ବିପର୍ଯ୍ୟୟ ପ୍ରବନ୍ଧନ ଆଇନ୍ -୨୦୦୫ ଓ ଓଡ଼ିଶା ବିପର୍ଯ୍ୟୟ ପ୍ରବନ୍ଧନ ନୀତି ୨୦୦୫ ଉଲ୍ଲେଖଯୋଗ୍ୟ । କିନ୍ତୁ ବିସ୍ମୟର କଥା, ଏଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ପଦକ୍ଷେପ ପ୍ରତ୍ୟକ୍ଷ ଗଣତନ୍ତ୍ର ଉପରେ ଆଧାରିତ ଓ ଗ୍ରାମବାସୀମାନଙ୍କର ଜୀବନକୁ ସର୍ବୋତମୁଖୀ ଭାବେ ପ୍ରଭାବିତ କରୁଥିବା ପଞ୍ଚାୟତକୁ ବିପର୍ଯ୍ୟୟ ପ୍ରବନ୍ଧନ ସମେତ ବିଭିନ୍ନ ବ୍ୟାପାରଗୁଡ଼ିକୁ ସ୍ୱଂୟଶାସିତ ଢ଼ଙ୍ଗରେ ପରିଚାଳନା କରିବାପାଇଁ ଯଥାର୍ଥ କ୍ଷମତା ପ୍ରଦାନ କ୍ଷେତ୍ରରେ ସକ୍ଷମ ହୋଇପାରିନାହିଁ ।

ସୁତରାଂ ଆଜି ବେଳ ଆସିଛି, ପଞ୍ଚାୟତିରାଜର ପ୍ରତିନିଧିମାନଙ୍କୁ ସାମିଲ୍ କରି ଆମ ରାଜ୍ୟରେ ଏକ ବ୍ୟାପକ ଜନ ବିତର୍କ ଗଢ଼ିତୋଳିବାକୁ, ଯହିଁର ଉଦ୍ଦେଶ୍ୟ ହେବ ତଳସ୍ତରରେ ବିପର୍ଯ୍ୟୟ ପ୍ରବନ୍ଧନ, ସାମାଜିକ ନ୍ୟାୟ, ଲିଙ୍ଗ ସମାନତା ତଥା ଭାଗିଦାରୀ ଉନ୍ନୟନ-ପ୍ରକ୍ରିୟାକୁ ସୁନିଶ୍ଚିତ କରିବାପାଇଁ ତୃଣମୂଳ ଗଣତନ୍ତ୍ରର ପ୍ରତୀକ ପଞ୍ଚାୟତିରାଜ, ସଂସ୍ଥାଗୁଡ଼ିକୁ କ୍ଷମତା ଓ ସମ୍ବଳର ସମ୍ପୂର୍ଣ୍ଣ ହସ୍ତାନ୍ତର ।